# ଆର୍ଥିକ ସଚେତନତା ବାର୍ତ୍ତା (ଫେମ୍)

## ଆର୍ଥିକ ଅନ୍ତର୍ଭୁକ୍ତିକରଣ ଏବଂ ବିକାଶ ବିଭାଗ, କେନ୍ଦ୍ରୀୟ କାର୍ଯ୍ୟାଳୟ



*ଏକ ବିଶେଷ ଘୋଷଣା*

ସର୍ବସାଧାରଣଙ୍କ ମଧ୍ୟରେ ଆର୍ଥିକ ସଚେତନତା ସୃଷ୍ଟି କରିବା ଏହି ଶିକ୍ଷଣୀୟ ସୂଚନା ପୁସ୍ତିକା ପ୍ରସ୍ତୁତିର ଏକମାତ୍ର ଉଦ୍ଦେଶ୍ୟ ଅଟେ । ଜନତାଙ୍କୁ କୌଣସି ମତେ ପ୍ରଭାବିତ କରିବା, କିମ୍ବା ନିର୍ଦ୍ଦିଷ୍ଟ ଆର୍ଥିକ ବସ୍ତୁ ବା ସେବା ଗ୍ରହଣ କରିବା ପାଇଁ ପ୍ରବର୍ତ୍ତାଇବା ଏହାର ଲକ୍ଷ୍ୟ ନୁହେଁ ।

*କପିରାଇଟ୍*
ଭାରତୀୟ ରିଜର୍ଭ ବ୍ୟାଙ୍କ ମୂଲଉତ୍ସକୁ ସ୍ୱୀକୃତି ପ୍ରଦାନପୂର୍ବକ ପୁନଃ ପ୍ରକାଶନ ଅନୁମୋଦିତ
ଦ୍ୱିତୀୟ ସଂସ୍କରଣ-ନଭେମ୍ବର 2016
ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ମୁଦ୍ରିତ

ଭାରତୀୟ ରିଜର୍ଭ ବ୍ୟାଙ୍କ
Reserve Bank of India
India's Central Bank

ଆର୍ଥିକ ଅନ୍ତର୍ଭୁକ୍ତିକରଣ ଏବଂ ବିକାଶ  ବିଭାଗ
ଦଶମ ମହଲା, ସହିଦ ଭଗତ ସିଂ ମାର୍ଗ
ଫୋର୍ଟ, ମୁମ୍ବାଇ-400001

# ସୂଚୀପତ୍ର


| | | ପୃଷ୍ଠା ସଂ. |
|---|---|---|
| ବାର୍ତ୍ତା ୧ | ବ୍ୟାଙ୍କରେ ଖାତା ଖୋଲିବା ସମୟରେ ଆବଶ୍ୟକୀୟ ଦସ୍ତାବିଜ (କେୱାଇସି) | ୨ |
| ବାର୍ତ୍ତା ୨ | ବଜେଟ୍, ସଂଚୟ ଓ ଦାୟିତ୍ୱ ସଂପର୍ଣ୍ଣ ଉଧାରର ମହତ୍ତ୍ୱ | ୩ |
| ବାର୍ତ୍ତା ୩ | ନିଜର ସଂଚୟ ଓ ସଂଚୟ ଖାତା ବିଷୟରେ ଅଧିକ ଜାଣନ୍ତୁ | ୪ |
| ବାର୍ତ୍ତା ୪ | ଉଚିତ ସମୟରେ ଋଣ ପରିଶୋଧ କରି ଏକ ଉତ୍ତମ ବିଶ୍ୱସ୍ତତାର ପରିଚୟ ସୃଷ୍ଟି କରାନ୍ତୁ | ୫ |
| ବାର୍ତ୍ତା ୫ | ଡିମାଣ୍ଡ୍ ଡ୍ରାଫ୍ଟ୍ ଏବଂ ଚେକ୍ ଆଦି ବ୍ୟବହାର ନକରି, ବିଭିନ୍ନ ଇଲୋକଟ୍ରୋନିକ୍ସ ମାଧ୍ୟମରେ ଅର୍ଥ ପ୍ରେରଣ/ପ୍ରାପ୍ତି କରନ୍ତୁ | ୬ |
| ବାର୍ତ୍ତା ୬ | ଏବେ ବ୍ୟାଙ୍କ୍ ସେବା ଆପଣଙ୍କ ହାତପାଆନ୍ତାରେ ଏବଂ ଆପଣଙ୍କ ଆଖପାଖରେ | ୭ |
| ବାର୍ତ୍ତା ୭ | ଆପଣଙ୍କ ଯଦି କିଛି ଅଭିଯୋଗ ରହିଥାଏ, ତେବେ ତାକୁ କିଭଳି ଭାବରେ ବ୍ୟାଙ୍କ୍ ଏବଂ ବ୍ୟାଙ୍କିଙ୍ଗ୍ ଲୋକପାଳଙ୍କ ପାଖରେ ଦାଖଲ କରାଯାଇପାରିବ ସେ ବିଷୟରେ ଭଲ ଭାବେ ଅବଗତ ହୁଅନ୍ତୁ | ୮ |
| ବାର୍ତ୍ତା ୮ | ଦୁନିଆରେ କିଛି ବି ମାଗଣାରେ ମିଳେ ନାହିଁ, ଠକାମିର ଶିକାର ହୁଅନ୍ତୁ ନାହିଁ | ୯ |
| ବାର୍ତ୍ତା ୯ | କୌଣସି ଅସୁବିଧାର ସମ୍ମୁଖୀନ ନ ହୋଇ ATMର ସୁବିଧା ଲାଭ କରନ୍ତୁ | ୧୦ |
| ବାର୍ତ୍ତା ୧୦ | କେବଳ ଏକ ପଂଜିକୃତ ସଂସ୍ଥାରେ ନିଜର କଷ୍ଟୋପାର୍ଜିତ ଅର୍ଥ ନିବେଶ କରନ୍ତୁ | ୧୧ |
| ବାର୍ତ୍ତା ୧୧ | ଅପବିକ୍ରୟ- ବ୍ୟାଙ୍କରେ ଟଙ୍କା ଜମା କରିବାକୁ ଯାଇ ଯଦି ଅଜାଣତରେ ଆପଣ ବୀମାଭୁକ୍ତ ହୋଇଯାଆନ୍ତି | ୧୨ |




ବାର୍ତ୍ତା ୧

# ବ୍ୟାଙ୍କରେ ଖାତା ଖୋଲିବା ସମୟରେ ଆବଶ୍ୟକୀୟ ଦସ୍ତାବିଜ (କେୱାଇସି)

- ବ୍ୟାଙ୍କରେ ଖାତା ଖୋଲିବା ପାଇଁ ଗୋଟିଏ ପରିଚୟ ପତ୍ର, ଠିକଣା ଉଲ୍ଲେଖ ଥିବା ଏକ ପ୍ରମାଣ ପତ୍ର ଏବଂ ନିଜର ଏକ ସଦ୍ୟତମ ଫଟୋ ଯଥେଷ୍ଟ ଅଟେ।

- ଆଧାର କାର୍ଡ, ଡ୍ରାଇଭିଂ ଲାଇସେନ୍ସ, ଭୋଟର ପରିଚୟ ପତ୍ର, ପାସପୋର୍ଟ, ମହାତ୍ମାଗାନ୍ଧି ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ପାଇଥିବା କାର୍ଡ ଆଦି ଉଭୟ ପରିଚୟ ଏବଂ ଠିକଣା ପ୍ରମାଣପତ୍ରର କାମରେ ଆସିଥାଏ । PAN କାର୍ଡ କେବଳ ପରିଚୟ ପତ୍ର ଭାବେ କାର୍ଯ୍ୟରେ ଆସିଥାଏ ।




- ଯଦି ଆପଣଙ୍କ ବର୍ତ୍ତମାନର ଠିକଣା, ବ୍ୟାଙ୍କରେ ଦାଖଲ କରିଥିବା ଠିକଣା ଠାରୁ ଭିନ୍ନ ହୁଏ ତେବେ ଏକ ସାଧାରଣ ଘୋଷଣା ଉଲ୍ଲେଖପତ୍ର ହିଁ ଏଥିପାଇଁ ଯଥେଷ୍ଟ ।

- ହଁ ଆପଣ ଜାଣନ୍ତି କି, ବିନା କୌଣସି ପରିଚୟ କିମ୍ବା ଠିକଣା ପ୍ରମାଣପତ୍ର ଦ୍ୱାରା ଆପଣ ବ୍ୟାଙ୍କ୍ ରେ ଏକ ସଂଚୟ ଜମାରାଶି ଖାତା ଖୋଲିପାରିବେ, ଏଥିପାଇଁ ଏକ ସଦ୍ୟତମ ଫଟୋ ଏବଂ ଆପଣଙ୍କ ଦସ୍ତଖତ ଆବଶ୍ୟକ । ଯେଉଁଥିରେ ଆପଣଙ୍କ ଖାତାର ଜମାରାଶି ବୈଧତା ସର୍ବୋଚ୍ଚ ପଚାଶ ହଜାର ହୋଇପାରିବ ଓ ଆପଣ ମାସିକ ଦଶ ହଜାର ଉଠେଇପାରିବେ, ଏକ ଆର୍ଥିକ ବର୍ଷରେ ସର୍ବମୋଟ ଏକ ଲକ୍ଷ ଟଙ୍କା ଆପଣ ନିଜ ଖାତାରେ ଜମା ରଖି ପାରିବେ ।











ବାର୍ତ୍ତା ୨

# ବଜେଟ୍, ସଂଚୟ ଓ ଦାୟିତ୍ୱସଂପର୍ଣ୍ଣ ଉଧାରର ମହତ୍ତ୍ୱ




- **ବଜେଟ୍ ଓ ସଞ୍ଚୟ-** ବଜେଟ୍ ହେଉଛି ଆପଣଙ୍କ ଭବିଷ୍ୟତର ଆୟ ଓ ବ୍ୟୟର ଏକ ଅଟକଳ । ଯାହାକୁ ଆପଣ ନିଜର ଖର୍ଚ୍ଚ ଓ ସଞ୍ଚୟର ମାନଦଣ୍ଡ ରୂପେ ବ୍ୟବହାର କରିଥାଆନ୍ତି । ପ୍ରତ୍ୟେକ ବ୍ୟକ୍ତି ନିଜର ଆୟ ଓ ବ୍ୟୟର ଏକ ଅଟକଳ ଯୋଜନା କରି ତାକୁ ଅନୁସରଣ କରିବା ଉଚିତ । ପ୍ରତିମାସ ଖର୍ଚ୍ଚର ଏକ ବଜେଟ୍ ପ୍ରସ୍ତୁତ କରି ସେଥିରେ କୌଣସି ପରିବର୍ତ୍ତନ ନକରି ସେହି ଅନୁସାରେ ବ୍ୟୟ କରିବା ବୁଦ୍ଧିମତାର କାର୍ଯ୍ୟ ନିଶ୍ଚୟ । ବ୍ୟୟ ଠାରୁ ଆୟ ଅଧିକ ହେଲେ ତାକୁ ଲାଭ କୁହାଯାଏ । ଲାଭ ରାଶି କୌଣସି ଅପ୍ରତ୍ୟାଶିତ ଘଟଣା ଯେମିତିକି(ଦୁର୍ଘଟଣା, ଦୈବୀ ଦୁର୍ବିପାକ, ଚାକିରୀରୁ ଛଟେଇ) ଏବଂ ଜୀବନର କିଛି ଗୁରୁତ୍ୱପୂର୍ଣ୍ଣ ଘଟଣା ଯଥା( ବାହାଘର, ପିଲାଙ୍କ ଶିକ୍ଷା, ବୁଲାବୁଲି, ଘର କିଣିବା, ଗାଡି କିଣିବା) ଇତ୍ୟାଦି ପାଇଁ ବିନିଯୋଗ ହୋଇପାରିବ । ଏହାସହ ଆମେ ଯେତେବେଳେ ଆଉ ଉପାର୍ଜନ କରିବାକୁ ସକ୍ଷମ ହେବା ନାହିଁ, ଅଥବା ଅବସର ଗ୍ରହଣ କରିବା ପରେ ଆମେ ସଞ୍ଚିଥିବା ଅର୍ଥରାଶିର ସେତେବେଳେ ଖୁବ୍ ଆବଶ୍ୟକତା ବଢି ଯାଇଥାଏ ।

- **ସଞ୍ଚୟର ମହତ୍ତ୍ୱ-** ଆମ ଆୟର କିଛି ଅଂଶ ଆମେ ବ୍ୟୟ କରିବା ପୂର୍ବରୁ ସଞ୍ଚୟ କରିବା ଉଚିତ । ପ୍ରଥମେ ତ ଆପଣଙ୍କ ସଞ୍ଚୟ ଏକ ସୁରକ୍ଷିତ ମାଧ୍ୟମ ଏବଂ ସଂସ୍ଥାରେ ହେବା ଉଚିତ । ଦେଖନ୍ତୁ ଆପଣ ଯଦି ଆପଣଙ୍କ ଝାଳବୁହା ପଇସା ଏପରି କିଛି ଅନୁଚିତ ମାଧ୍ୟମ ବା ସଂସ୍ଥାରେ ରଖିବେ ତେବେ ତ ଆପଣଙ୍କ ପଇସା ହେରଫେର୍ ଏବଂ ଅନିୟନ୍ତ୍ରିତ ହୋଇପାରେ ବୋଲି ଜାଣନ୍ତୁ । ଏପରିକି ଆପଣଙ୍କ ପଇସା ବୁଡିଯିବାର ମଧ୍ୟ ସମ୍ଭାବନା ରହିଥାଏ । ତେଣୁ ଆପଣ କେଉଁଠି ପଇସା ରଖୁଛନ୍ତି ତାହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଦ୍ୱିତୀୟ କଥାଟି ହେଲା ସଂଚୟ ହେଉଛି ଉଭୟ ଭବିତବ୍ୟ ଏବଂ ଅପ୍ରତ୍ୟାଶିତ, ଆକସ୍ମିକ ଭବିଷ୍ୟତର ଖର୍ଚ୍ଚ । ଏଣୁ ଆପଣ ବଦ୍ଧପରିକର ହୋଇଯାଆନ୍ତୁ କି, ଆପଣ ଯେଉଁଠି ଟଙ୍କା ରଖୁଛନ୍ତି, ଆପଣଙ୍କ ବିପଦ ସମୟରେ ସେଠାରୁ ଟଙ୍କା ଉଠାଇପାରୁଥିବେ । ତୃତୀୟ କଥା ବି ଜାଣି ରଖିଥାଆନ୍ତୁ କି ଆପଣଙ୍କ ଗଚ୍ଛିତ ଜମାରାଶିରୁ ନିୟମିତ ବ୍ୟବଧାନରେ କିଛି ଫେରସ୍ତ ଆସୁଥିବ, ଯାହାକି ମୁଦ୍ରାସ୍ଫିତୀ ହ୍ରାସ ସମୟରେ ଆପଣଙ୍କ ଆର୍ଥିକ ସୁରକ୍ଷାକୁ ନିଶ୍ଚିତ କରିପାରୁଥିବ ।



- **ଉଧାର-** ଯେକେହି ବି ଦୈନିକ ଖର୍ଚ୍ଚ ବହନ କରିବା ପାଇଁ ଉଧାର ନକରି, କେବଳ ସମ୍ପତ୍ତି( ଯାହାର ମୂଲ୍ୟ ବୃଦ୍ଧି ପାଉଥିବ) ସେଥିରେ ବିନିଯୋଗ କରିବା ପାଇଁ ଉଧାର କରିବା ଉଚିତ । ଯେମିତିକି ଘର କିଣିବା, ଶିକ୍ଷାଋଣ ଆଦି ପାଇଁ କୌଣସି ସମ୍ପତ୍ତି ବନ୍ଧକ ରଖି ଋଣ ଆଣିବା ଉଚିତ ।

- **ବ୍ୟାଙ୍କ୍ ଏବଂ ସୁଧ ସାହୁକାର-** ଏକ ବ୍ୟାଙ୍କ୍ ସର୍ବଦା ସୁଧ ସାହୁକାର ବା ମହାଜନଠାରୁ ଉତ୍ତମ । ପ୍ରତ୍ୟେକ ବ୍ୟାଙ୍କ ଭାରତୀୟ ରିଜର୍ଭ ବ୍ୟାଙ୍କ୍ ଦ୍ୱାରା ନିୟନ୍ତ୍ରିତ, ବ୍ୟାଙ୍କ୍ ଗୁଡିକ ସବୁବେଳେ ସ୍ୱଚ୍ଛ ଏବଂ ମହାଜନଙ୍କ ଭଳି ପ୍ରବଳ ସୁଧ ଅସୁଲକାରୀ ନୁହନ୍ତି। ପ୍ରତ୍ୟେକ ବ୍ୟାଙ୍କରେ ନିରପେକ୍ଷ ଅଭିଯୋଗ ନିରାକରଣ ବ୍ୟବସ୍ଥା ରହିଛି । ଯାହାର ସୁଯୋଗ ଜଣେ ନିଃସଙ୍କୋଚରେ ନେଇପାରିବେ ।



ବାର୍ତ୍ତା ୩

# ନିଜର ସଞ୍ଚୟ ଏବଂ ସଞ୍ଚୟ ଖାତା ବିଷୟରେ ଭଲ ଭାବେ ଜାଣନ୍ତୁ




- ଟଙ୍କା କେବଳ ସଂଚୟ ଜମାଖାତାରେ ରଖନ୍ତୁ ନାହିଁ । ଏହା ଭଲ ଫେରସ୍ତ ଦେବ ନାହିଁ। ଯେତେବେଳେ ଆପଣ ଅଧିକ ଅର୍ଥ ପାଉଛନ୍ତି, ତାକୁ ସ୍ଥିର ଜମାରେ ରଖନ୍ତୁ । ଆଉ ଯେତେବେଳେ ଆପଣ ନିୟମିତ ଭାବରେ ସଞ୍ଚୟ କରିବାକୁ ଚାହାନ୍ତି ସେତେବେଳେ ଆବର୍ତ୍ତ ଜମାଖାତା ଖୋଲନ୍ତୁ ।

- ବ୍ୟାଙ୍କ୍ ଜମାଖାତା ଏବଂ ବ୍ୟାଙ୍କରେ ସୁରକ୍ଷିତ ଥିବା ଆପଣଙ୍କ ଦ୍ରବ୍ୟ ଗୁଡିକ ପାଇଁ ଏକ ବିଶ୍ଵାସଯୋଗ୍ୟ ବ୍ୟକ୍ତିଙ୍କୁ ମନୋନୀତ କରନ୍ତୁ । ଏହା ଆପଣଙ୍କ ନିଜ ଲୋକଙ୍କ ସୁରକ୍ଷା ପାଇଁ ଉଦ୍ଦିଷ୍ଟ ଅଟେ। ଜମାଖାତା ଖୋଲିବା ପୂର୍ବରୁ ମନୋନୟନ ଫର୍ମ ପୂରଣ କରନ୍ତୁ । ମନୋନୀତ ସଦସ୍ୟ ଥିଲେ ଦାବି ଏବଂ ନ୍ୟାୟପ୍ରାପ୍ୟ ଶୀଘ୍ର ସମ୍ଭବ ହୋଇପାରିବ । Either or survivor, Former or survivor, Joint account ଏସବୁ ବ୍ୟାଙ୍କର ପରିଚାଳନା ଗତ ଏକ ଏକ ମାଧ୍ୟମ । ତାକୁ ସଠିକ୍ ଭାବେ ପ୍ରସ୍ତୁତ କରନ୍ତୁ ।

- ନିଜର ସ୍ଥିର କିମ୍ବା ଅବଧି ଜମାକୁ ସମୟ ପୂର୍ବରୁ ଉଠାଇବାର ଥିଲେ, ଆପଣ ସୁନିଶ୍ଚିତ ହୋଇଯାଆନ୍ତୁ ଯେ ଆପଣ ଜମା କରିବା ସମୟରେ ସେହି ସୁବିଧାକୁ ଚୟନ କରିଛନ୍ତି ।





- ପେନସନ୍ ଗ୍ରହୀତାମାନେ ନିଜ ପ୍ରଚଳିତ ଜମାଖାତାକୁ ପେନସନ୍ ଉଠାଇବା ପାଇଁ ବ୍ୟବହାର କରିପାରିବେ । ନିଜ ଜୀବନସାଥିଙ୍କ ସହ ସଂଯୁକ୍ତ ଜମାଖାତା ଖୋଲିବା ଏବଂ ମନୋନୟନ ପଞ୍ଜିକୃତ କରିବା ବିଧେୟ ଅଟେ । ଆପଣଙ୍କୁ ପୂର୍ବରୁ ମଧ କହିରଖୁଛୁ Either or survivor, Former or survivor ଇତ୍ୟାଦି ବ୍ୟାଙ୍କର ଏକ ବିଧିନିର୍ଦ୍ଦିଷ୍ଟ ମାଧ୍ୟମ । ଆବଶ୍ୟକ ସ୍ଥଳେ ଆପଣ ଆପଣଙ୍କ ପେନସନ୍ ଜମାଖାତାକୁ ଅନ୍ୟ ଏକ ଶାଖା କିମ୍ବା ଅନ୍ୟ ଏକ ବ୍ୟାଙ୍କକୁ ସ୍ଥାନାନ୍ତର କରିପାରିବେ ।

- ନିଜ ଜୀବିତ ପ୍ରମାଣପତ୍ର ନିଜ ବ୍ୟାଙ୍କକୁ ପ୍ରତିବର୍ଷ ନଭେମ୍ବର ମାସରେ ଦେବାକୁ ଜମାରୁ ଭୁଲନ୍ତୁ ନାହିଁ । ଏବେ ପ୍ରତ୍ୟକ୍ଷ ଜୀବନ ପ୍ରମାଣପତ୍ର ବଦଳରେ ଜୀବନ ପ୍ରମାଣ (ଡିଜିଟାଲ୍ ଲାଇଫ୍ ସାର୍ଟିଫିକେଟ୍, ଯାହାକି ଆଧାର କାର୍ଡ ପ୍ରସ୍ତୁତ କଲା ବେଳେ ବାଇଓମେଟ୍ରିକ୍ ସିଷ୍ଟମରେ ଆବଶ୍ୟକ ହୋଇଥାଏ) ତାକୁ ମଧ ଦାଖଲ କରିପାରିବେ । ଆପଣ www.jeevanpramaan.gov.in ରେ ଏହି ପ୍ରମାଣପତ୍ର ପାଇପାରିବେ ଏବଂ ଏହି ପ୍ରମାଣପତ୍ରକୁ ଆପଣଙ୍କ ମୋବାଇଲ୍ ଯୋଗେ ଆପଣ ବ୍ୟାଙ୍କକୁ ପଠାଇପାରିବେ ।



ବାର୍ତ୍ତା ୪

# ଉଚିତ ସମୟରେ ଋଣ ପରିଶୋଧ କରି ଏକ ଉତ୍ତମ ବିଶ୍ୱସ୍ତତାର ପରିଚୟ ସୃଷ୍ଟି କରାନ୍ତୁ




- ଋଣ ପରିଶୋଧ କରିବାର କ୍ଷମତା ଯଦି ଆପଣଙ୍କ ରହିଛି, ତେବେ ବୁଦ୍ଧିମତାର ସହିତ ଉଧାର ବା ଋଣ ନିଅନ୍ତୁ ।

- ସୁନିଶ୍ଚିତ କରନ୍ତୁ ଯେପରି ଆପଣ ଋଣ ପରିଶୋଧ କରିବାର କୌଣସି କିସ୍ତି ନଭୁଲନ୍ତି ।

- ଆଉ ଏକ ଲୋନ୍ ଦେବା ସମୟରେ ବ୍ୟାଙ୍କ୍ ଆପଣଙ୍କର ଋଣ ସୂଚକାଙ୍କ ଏବଂ ଋଣର ପୁରୁଣା ଖାତାକୁ ତନଖି କରିଥାଏ ।

- ଋଣ ପରିଶୋଧ କିମ୍ବା ପରିଶୋଧ ଚୁକ୍ତିରେ ବିଳମ୍ବ ହେଲେ, ଏହା ଆପଣଙ୍କର ଋଣ ସୂଚକାଙ୍କ ଏବଂ ବିଶ୍ୱସନୀୟତା ଉପରେ ପ୍ରତିକୂଳ ପ୍ରଭାବ ପକାଏ ।

- ବିଳମ୍ବ ନକରି ଯଥାଶୀଘ୍ର ନିଜର ଋଣ ପରିଶୋଧ କଲେ, ଏହା ଏକ ଭଲ ଋଣ ପରିଶୋଧର ବିଶ୍ୱସନୀୟତା ସୃଷ୍ଟି କରେ । ଯାହାକି ଭବିଷ୍ୟତରେ ଆପଣଙ୍କ ବ୍ୟକ୍ତିଗତ କିମ୍ବା ବ୍ୟବସାୟ ନିମନ୍ତେ ଅଧିକ ଋଣ ନେବାରେ ସାହାଯ୍ୟ କରେ ।


- ଆପଣ ନେଇଥିବା ଋଣର ପୃଷ୍ଠଭୂମି ଏବଂ ଅନ୍ୟ ପ୍ରାସଙ୍ଗିକ ତଥ୍ୟ ଅନୁସାରେ, ଆପଣଙ୍କୁ ଋଣ ସୂଚକାଙ୍କ ମିଳିଥାଏ । ଆପଣଙ୍କ ଯେତେ ଅଧିକ ସ୍କୋର୍ ଆପଣ ସେତେ ଅଧିକ ଋଣ ନେଇପାରିବେ, ସେହି ଅନୁସାରେ ଆପଣ ଅଧିକ ବିଶ୍ୱାସଯୋଗ୍ୟ ଋଣକର୍ତ୍ତା ହୋଇପାରିବେ ।






ବାର୍ତ୍ତା ୫


# ଡିମାଣ୍ଡ ଡ୍ରାଫ୍ଟ ଏବଂ ଚେକ୍ ଆଦି ବ୍ୟବହାର ନକରି ବିଭିନ୍ନ ଇଲୋକଟ୍ରୋନିକ୍ସ ମାଧ୍ୟମରେ ଅର୍ଥ ନେଣଦେଣ କରନ୍ତୁ



- **NEFT**

  ମାତ୍ର କିଛି ସମୟ ମଧ୍ୟରେ ଦେଶର କୌଣସି ସ୍ଥାନକୁ ଟଙ୍କା ପଠାନ୍ତୁ ।

  NEFT ସକାଳ ୫ ଘଟିକାରୁ ସଂଧ୍ୟା ୭ଟା ପର୍ଯ୍ୟନ୍ତ ସପ୍ତାହର କାର୍ଯ୍ୟକାରୀ ଦିନଗୁଡିକରେ ଏବଂ କାର୍ଯ୍ୟକାରୀ ଶନିବାରରେ କାମ କରେ ।



- **RTGS**

  ଯଦି ଆପଣ ତୁରନ୍ତ ଟଙ୍କା ସ୍ଥାନାନ୍ତର କରିବାକୁ ଚାହୁଁଥାନ୍ତି ଏବଂ ଏହାର ମୂଲ୍ୟ ଯଦି 2 ଲକ୍ଷ କିମ୍ବା ଏହାଠାରୁ ଅଧିକ ତେବେ ଆପଣ ରିଅଲ୍ ଟାଇମ୍ ଗ୍ରସ୍ ସେଟେଲମେଣ୍ଟ ବା RTGS ବ୍ୟବହାର କରିପାରିବେ ।

  ଗ୍ରାହକଙ୍କ ପାଇଁ RTGS ସପ୍ତାହର କାର୍ଯକାରୀ ଦିନ ଏବଂ କାର୍ଯ୍ୟକାରୀ ଶନିବାର ଦିନ ସକାଳ ୮ ଟାରୁ ସଂଧ୍ୟା ୪;୩୦ ଟା ପର୍ଯ୍ୟନ୍ତ କାମ କରେ ।

- **IMPS**

  ତୁରନ୍ତ ଦେୟ ସେବା ବା IMPS କୁ ଟଙ୍କା ତୁରନ୍ତ ସ୍ଥାନାନ୍ତର କରିବା ପାଇଁ ବ୍ୟବହାର କରିପାରିବେ । ଏହା ମାଧ୍ୟମରେ ଦିନର ପୂରା ୨୪ ଘଣ୍ଟିଆ ଏପରିକି ବ୍ୟାଙ୍କ୍ ଛୁଟି ଦିବସରେ ଏବଂ ରବିବାର ଦିନ ମଧ୍ୟ ଟଙ୍କା ଅନ୍ତରଣ କରାଯାଇପାରିବ ।

  ଆପଣଙ୍କ ବ୍ୟାଙ୍କ୍ ଦ୍ୱାରା NEFT, RTGS,IMPS ସେବାଗୁଡିକ ବ୍ୟାଙ୍କର ପ୍ରତ୍ୟେକ ଶାଖାର ଅନଲାଇନ୍ ମାଧ୍ୟମ ଯେପରି କି ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ୍,ମୋବାଇଲ୍ ବ୍ୟାଙ୍କିଙ୍ଗ୍ ରେ ମଧ୍ୟ ଉପଲବ୍ଧ ।

- **UPI ( ୟୁନିଫାଇଡ୍ ପେମେଣ୍ଟ ଇଣ୍ଟରଫେସ୍)**

UPI କୌଣସି ହିତାଧିକାରୀଙ୍କ ସଂପୂର୍ଣ୍ଣ ବିବରଣୀ ଯେପରିକି ବ୍ୟାଙ୍କ୍ ଖାତା ନମ୍ବର୍ IFSC, ATM ଡେବିଟ୍ କାର୍ଡ ନମ୍ବର ଇତ୍ୟାଦିର ପ୍ରବେଶ ବିନା, କେବଳ ଭରଚୁଆଲ୍ ପେମେଣ୍ଟ ଆଡ୍ରେସ୍ ( VPA) ମାଧ୍ୟମରେ ଟଙ୍କା ପଠାଇବା ଏବଂ ଗ୍ରହଣ କରିବାର ଏକ ଦୃତ ଓ ସହଜ ମାଧ୍ୟମ ।

ଆପଣ ସପ୍ତାହର ସବୁ ଦିନରେ ପୂରା ୨୪ ଘଣ୍ଟା, ଏପରିକି ଛୁଟି ଓ ରବିବାରରେ ମଧ୍ୟ ଟଙ୍କା ପଠେଇପାରିବେ ।

ଆପଣଙ୍କ ବ୍ୟବସାୟ ପାଇଁ ଆପଣ ଅନ୍ୟ ବ୍ୟବସାୟୀଙ୍କ ପାଇଁ ଟଙ୍କା ପୈଠ କରିପାରିବେ । ଯାହାର UPI ପେମେଣ୍ଟ ବିକଳ୍ପ ଥିବ ।




ଆପଣ UPI ଆପ୍ଲିକେସନ୍ ସ୍ମାର୍ଟଫୋନରେ ଡାଉନଲୋଡ୍ କରି ଏହାକୁ କେବଳ ବ୍ୟବହାର କରିପାରିବେ ।

বার্ত্তা ৬

# ଏବେ ବ୍ୟାଙ୍କ୍ ସେବା ଆପଣଙ୍କ ହାତପାଆନ୍ତାରେ ଅଥବା ଆପଣଙ୍କ ଆଖପାଖରେ

- ଆପଣଙ୍କୁ ଆଉ ଆପଣଙ୍କ ବ୍ୟାଙ୍କିଙ୍ଗ୍ ଆବଶ୍ୟକତା ପାଇଁ କୌଣସି ବ୍ୟାଙ୍କର ଶାଖାକୁ ଯିବାକୁ ପଡିବ ନାହିଁ । ପ୍ରତ୍ୟେକ ବ୍ୟାଙ୍କ୍ ଦ୍ୱାରା ନିଯୁକ୍ତ ପାଇଥାଆନ୍ତି BC ବା ବାଣିଜ୍ୟିକ ପ୍ରତିନିଧି । ଆପଣ ଆପଣଙ୍କ ନିକଟତମ ବ୍ୟାଙ୍କ୍ ଶାଖା ସହ ସଂପର୍କ କରି ସେମାନଙ୍କ ଉପଲବ୍ଧତା ବିଷୟରେ ଜାଣିପାରିବେ। ଆପଣ ମଧ୍ଯ PMJDY ୱେବସାଇଟ୍ http:pmjdy.gov.in/g-i-s.aspxon ଲିଙ୍କ ର ଉପଯୋଗ କରି ଆପଣଙ୍କ ଅଂଚଳରେ କାର୍ଯ୍ୟରତ ବାଣିଜ୍ୟିକ ପ୍ରତିନିଧି ମାନଙ୍କର କାର୍ଯ୍ୟଶୈଳୀ ବିଷୟରେ ଜାଣିପାରିବେ ।
- ବ୍ୟକ୍ତିବିଶେଷ , ବେସରକାରୀ ସଂଗଠନ, ଡାକଘର, ପ୍ରାଥମିକ କୃଷି ଋଣ ସମିତି , କ୍ଷୁଦ୍ର ଆର୍ଥିକ ସଂସ୍ଥା, ସ୍ୱୟଂ ସହାୟକ ଗୋଷ୍ଠୀ , ସଞ୍ଚୟ ରଖୁନଥିବା NBFC କମ୍ପାନୀ ଓ ଦେୟ ବ୍ୟାଙ୍କ ଆଦିକୁ ବ୍ୟାଙ୍କ ବାଣିଜ୍ୟିକ ପ୍ରତିନିଧି ଭାବେ ନିଯୁକ୍ତି ଦିଏ ।
- ବାଣିଜ୍ୟିକ ପ୍ରତିନିଧି କେବଳ ଆପଣଙ୍କୁ ଏକ ଲାପଟପ୍, ହାତରେ ଧରିପାରୁଥିବା ଏକ ଯନ୍ତ୍ର ବା ମୋବାଇଲ୍ ଫୋନ୍ ମାଧ୍ୟମରେ ବ୍ୟାଙ୍କ୍ ସହ ସଂଯୋଗ କରାଏ ।
- ସନ୍ଦେହ ହେବା ମାତ୍ରକେ ବାଣିଜ୍ୟିକ ପ୍ରତିନିଧିଙ୍କ ନାମ ଓ ସମସ୍ତ ବିବରଣୀର ସତ୍ୟାସତ୍ୟ ବ୍ୟାଙ୍କରେ ଦାଖଲ କରନ୍ତୁ ।
- ଆପଣ ବାଣିଜ୍ୟିକ ପ୍ରତିନିଧିଙ୍କ ଦ୍ୱାରା ବ୍ୟାଙ୍କରେ ଖାତା ଖୋଲିପାରିବେ। ଟଙ୍କା ଜମା କରିପାରିବେ-ଉଠାଇ ମଧ୍ଯ ପାରିବେ, ଋଣ ପାଇଁ ଆବେଦନ କିମ୍ବା ସ୍ୱଳ୍ପକାଳିନ ବୀମାର ସଫଳ ବିନିଯୋଗ , ନିଜ ଜମାଖାତାରୁ କିମ୍ବା ଖାତାରେ ଅର୍ଥ ସ୍ଥାନାନ୍ତରଣ କରିପାରିବେ ।
- ଯଦି ଆପଣ ଆପଣଙ୍କ ବାଣିଜ୍ୟିକ ପ୍ରତିନିଧି ଉପରେ ସନ୍ତୁଷ୍ଟ ନାହାନ୍ତି, ତେବେ ଆପଣ ସେହି ବ୍ୟକ୍ତିଙ୍କ ବିଷୟରେ ନିଜ ବ୍ୟାଙ୍କରେ ଅଭିଯୋଗ କରିପାରିବେ ।






ବାର୍ତ୍ତା ୭

# ଆପଣଙ୍କ ଯଦି କିଛି ଅଭିଯୋଗ ରହିଥାଏ ତେବେ ତାକୁ କିଭଳି ଭାବରେ ବ୍ୟାଙ୍କ୍ ଏବଂ ବ୍ୟାଙ୍କିଙ୍ଗ୍ ଲୋକପାଳଙ୍କ ପାଖରେ ଦାଖଲ କରାଯାଇପାରିବ, ସେ ବିଷୟରେ ଭଲ ଭାବେ ଅବଗତ ହୁଅନ୍ତୁ




➢ ବ୍ୟାଙ୍କର ଅଭିଯୋଗ ପୁସ୍ତିକାରେ ଅଭିଯୋଗ ପୂରଣ କରନ୍ତୁ । ଯଦି ଅଭିଯୋଗ ପୁସ୍ତିକା ଉପଲବ୍ଧ ନାହିଁ, ତେବେ କୌଣସି ଅଧିକାରୀଙ୍କୁ ପଚାରନ୍ତୁ କିମ୍ବା ଅନଲାଇନ୍ ମାଧ୍ୟମରେ ଆବେଦନ କରନ୍ତୁ ।




➢ ଅଭିଯୋଗ ନିରାକରଣକୁ ସହଯୋଗ କରୁଥିବା ଅଧିକାରୀଙ୍କ ନାମ ଜାଣିରଖନ୍ତୁ । ଯଦି ସେମାନଙ୍କ ନାମ ବ୍ୟାଙ୍କ ଶାଖାରେ ପ୍ରଦର୍ଶିତ ହୋଇନାହିଁ ତାହାଲେ ସେହି ସମ୍ବନ୍ଧରେ ବ୍ୟାଙ୍କର ନୋଡାଲ୍ ଅଧିକାରୀଙ୍କୁ ଅବଗତ କରାନ୍ତୁ ।

➢ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଆପଣଙ୍କ ଅଭିଯୋଗ ସମାଧାନ ହେବା ଉଚିତ । ଯଦି ହୋଇନଥାଏ, ତାହେଲେ ବ୍ୟାଙ୍କ ଆପଣଙ୍କୁ ସଠିକ୍ କାରଣ ଦର୍ଶାଇବାକୁ ବାଧ୍ୟ ଅଟେ ।

➢ ଯଦି ଆପଣଙ୍କ ବ୍ୟାଙ୍କ୍ ଏକମାସ ମଧ୍ୟରେ ଆପଣଙ୍କ ସମସ୍ୟାର ସମାଧାନ ନକରେ, ତେବେ ଆପଣ ଭାରତୀୟ ରିଜର୍ଭ ବ୍ୟାଙ୍କର ଲୋକପାଳଙ୍କୁ ଆବେଦନ କରିପାରିବେ । ଭାରତୀୟ ରିଜର୍ଭ ବ୍ୟାଙ୍କର ଲୋକପାଳ କାର୍ଯ୍ୟାଳୟ ଆପଣଙ୍କ ସମସ୍ୟାକୁ ଯଥାଶୀଘ୍ର ସମାଧାନ କରିବେ ଏବଂ ଏହା ବିନା ମୂଲ୍ୟରେ ଉପଲବ୍ଧ।




➢ ବ୍ୟାଙ୍କ ଲୋକପାଳଙ୍କ ଅଧିକାରୀମାନେ ସାରା ଭାରତର ପନ୍ଦରଟି ଅଞ୍ଚଳରେ ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ନିଯୁକ୍ତ ପାଇଥାଆନ୍ତି ।

➢ ସାଧାରଣତଃ ଖଣ୍ଡେ ସାଦା କାଗଜରେ ଲେଖନ୍ତୁ, ଅନଲାଇନରେ ଅଭିଯୋଗ ଦାଖଲ କରନ୍ତୁ କିମ୍ବା ଇମେଲ କରନ୍ତୁ, ଆପଣ ଆପଣଙ୍କ ଅଭଯୋଗ- https://bankingombudsman.rbi.org.inରେ ଦାଖଲ କରିପାରିବେ


भारतीय रिज़र्व बैंक
Reserve Bank of India
India's Central Bank

Banking Ombudsman Complaint Tracking Software

Welcome

Online Complaint Form

You can upload your proof after filling the Complaint Form, which should be only pdf or txt

Complaint Form

Annexure 'A'

FORM OF COMPLAINT (TO BE LODGED) WITH THE BANKING OMBUDSMAN

(FOR OFFICE USE ONLY)

Complaint No ____________

Date ____________

Upload Files

* is a mandatory field

To
The Banking Ombudsman
Reserve Bank of India
[Select BO office]

(Fields marked with an asterisk (*) are mandatory)




## ବାର୍ତ୍ତା ୮

# ଦୁନିଆରେ କିଛି ବି ମାଗଣାରେ ମିଳେ ନାହିଁ, ଠକାମିର ଶିକାର ହୁଅନ୍ତୁ ନାହିଁ

- ଭାରତୀୟ ରିଜର୍ଭ ବ୍ୟାଙ୍କ୍, ଭାରତୀୟ ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର, କୌଣସି ବ୍ୟାଙ୍କ୍ ଏପରିକି ଆପଣଙ୍କ ନିଜ ବ୍ୟାଙ୍କ ନାମରେ ଅର୍ଥ ପ୍ରାପ୍ତିର ପ୍ରସ୍ତାବ ଆସୁଥିବା ଫୋନ୍, ଇମେଲ ଅଥବା ଏସଏମେସକୁ କଦାପି ବିଶ୍ୱାସକୁ ନିଅନ୍ତୁ ନାହିଁ ।

- ଭାରତୀୟ ରିଜର୍ଭ ବ୍ୟାଙ୍କ୍, ଦେଶୀୟ କିମ୍ବା ଅନ୍ତର୍ଜାତୀୟ ବ୍ୟାଙ୍କ୍, ଅଥବା ସରକାରୀ ସଂସ୍ଥା ନାମରେ ଆସୁଥିବା ଲୋଭନୀୟ ଲଟେରୀ, ପୁରସ୍କାର ଏବଂ ସହଜ ଅର୍ଥ ପ୍ରାପ୍ତିର ଘୋଷଣାକୁ ଜମାରୁ ବିଶ୍ୱାସ କରନ୍ତୁ ନାହିଁ ।

- କୌଣସି ପରିଚିତ ଅଥବା ଅପରିଚିତ ସଂସ୍ଥାରୁ ସହଜ ଏବଂ ପ୍ରଚୁର ଅର୍ଥ ପାଇବା ଆଶାରେ, କିଛି ବି ପ୍ରାରମ୍ଭିକ ଅର୍ଥ, ଜମାରାଶି ବା ଅନ୍ତରଣ ଫି ପଠାନ୍ତୁ ନାହିଁ । ଆପଣ ଠକାମୀରେ ପଡିଯାଇପାରନ୍ତି ।




- ଭାରତୀୟ ରିଜର୍ଭ ବ୍ୟାଙ୍କ୍ କୌଣସି ସଞ୍ଚୟ ଖାତା/ଚାଲୁ ଖାତା /ସ୍ଥାୟୀ ଜମା ଖାତା କାରବାର କରେ ନାହିଁ କିମ୍ବା କୌଣସି ଡେବିଟ୍ /କ୍ରେଡିଟ୍ କାର୍ଡ ଜାରି କରିବା ବା କୌଣସି ବ୍ୟକ୍ତି ବିଶେଷଙ୍କ ସହ ଆର୍ଥିକ ନେଣଦେଣ କରେ ନାହିଁ ।


- ଭାରତୀୟ ରିଜର୍ଭ ବ୍ୟାଙ୍କ୍ ମଧ୍ୟ ଆପଣଙ୍କୁ କିମ୍ବା କାହାରିକୁ ବ୍ୟାଙ୍କ୍ ଖାତାର ବିବରଣୀ ଡେବିଟ୍ ଏବଂ କ୍ରେଡିଟ୍ କାର୍ଡର ଯଥାଯଥ ବିବରଣୀ-ଇମେଲ୍, ଏସ୍‌ଏମ୍‌ଏସ୍ କିମ୍ବା ଫୋନ୍ ଯୋଗେ ମାଗେ ନାହିଁ ।

- ଆପଣ ଆପଣଙ୍କ ବ୍ୟାଙ୍କର ସଂପୂର୍ଣ୍ଣ ବିବରଣୀ, ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗର ଆଇଡି, ପାସୱାର୍ଡ, ଡେବିଟ୍/ କ୍ରେଡିଟ୍ କାର୍ଡ ନମ୍ବର, ସିଭିଭି, ଏଟିଏମ୍ ପିନ୍, ଏପରିକି ଓଟିପି ବିଷୟରେ କାହାରିକୁ ମଧ୍ୟ ଜଣାନ୍ତୁ ନାହିଁ ।

- ଯଦି କିଛି ଲଟେରୀ ପୁରସ୍କାର ଜିତିଥିବାର ସୂଚନା, ଆମ ଦେଶରୁ ନଚେତ୍ ବିଦେଶରୁ ଆପଣଙ୍କ ପାଖକୁ ଆସେ, ତେବେ ଆପଣ ନିଜର ନିକଟତମ ପୋଲିସ୍ ଥାନା କିମ୍ବା ସାଇବର୍ କ୍ରାଇମ୍ କର୍ତ୍ତୃପକ୍ଷଙ୍କୁ ସଙ୍ଗେ ସଙ୍ଗେ ସୂଚନା ଦିଅନ୍ତୁ ।



## ନିମ୍ନଲିଖିତ ସୂଚନା ଗୁଡିକୁ ଧ୍ୟାନ ଦିଅନ୍ତୁ ଏବଂ ଅସୁବିଧା ରହିତ ATMର ସେବା ଲାଭ ରହନ୍ତୁ




➢ ଆପଣ ଟଙ୍କା ଉଠାଣ, ଅର୍ଥ ସ୍ଥାନାନ୍ତରଣ, ଜମା ଖାତାରେ ସଞ୍ଚିତ ଅର୍ଥର ପରିମାଣ ଏବଂ ବିବରଣୀ, ମୋବାଇଲ୍ ବ୍ୟାଙ୍କିଙ୍ଗ୍ ପାଇଁ ପଞ୍ଜିକରଣ, ବିଲ୍ ପୈଠ, ବ୍ୟାଙ୍କ୍ ଖାତାରେ ଆପଣଙ୍କ ଆଧାର କାର୍ଡ ସଂଖ୍ୟାର ସଂଯୋଗ ଇତ୍ୟାଦି ATM ମାଧ୍ୟମରେ କରିପାରିବେ ।


➢ ଆପଣ ଆପଣଙ୍କ ଏଟିଏମ୍ କାର୍ଡର ବିବରଣ ଏବଂ ପିନକୋର୍ଡର ସୂଚନା ଅନ୍ୟ କାହାରିକୁ ଦିଅନ୍ତୁ ନାହିଁ । କାର୍ଡ କେବେ ମଧ୍ୟ ATMରେ ଛାଡନ୍ତୁ ନାହିଁ ।

➢ ଆପଣ ସୁନିଶ୍ଚିତ ହୁଅନ୍ତୁ ଯେ ଆପଣ ATM ର ବଟନରେ ପିନ୍ ନମ୍ବର ଦବେଇବା ସମୟରେ, କିମ୍ବା କାର୍ଡ ସ୍ୱାଇପ୍ କରିବା ସମୟରେ ATM ମେସିନରେ କ୍ୟାମେରା କିମ୍ବା ଅନ୍ୟ କୌଣସି ଯନ୍ତ୍ରପାତି ଲାଗିନାହିଁ । ଯେତେ ସମ୍ଭବ ଗୋଟିଏ ହାତରେ କି ପ୍ୟାଡକୁ ଘୋଡାଇ ରଖି, ଅନ୍ୟ ହାତରେ ପିନ୍ ନମ୍ବର ଦବାନ୍ତୁ । ଧ୍ୟାନ ଦିଅନ୍ତୁ ସେହି ସମୟରେ ଯେମିତି କେହି ଆପଣଙ୍କ ATMପିନକୁ ନଦେଖନ୍ତି ।

➢ ମନେରଖନ୍ତୁ, ATMରୁ ଟଙ୍କା ବାହାରିବା ପରେ ତାକୁ ଗଣିବା ଏବଂ ପରଖି ନେବା ଉଚିତ ।

➢ ଯେଉଁ ବ୍ୟାଙ୍କରୁ ଆପଣ ATM ପାଇଛନ୍ତି , ସେଥିରେ ATM ଦେଣନେଣ ସମୟରେ ସତର୍କ ସୂଚନା ପାଇଁ ଆପଣଙ୍କ ଫୋନ୍ ନମ୍ବରକୁ ପଞ୍ଜିକୃତ କରାନ୍ତୁ ।

➢ ଯଦି ଆପଣଙ୍କ ATM କାର୍ଡଟି ହଜିଯାଏ, ଚୋରି ହୋଇଯାଏ କିମ୍ବା ଆପଣ କେବେ ଅନୁଭବ କରନ୍ତି, କି ଅନ୍ୟ କେହି ଆପଣଙ୍କ ATMକୁ ବ୍ୟବହାର କରୁଛନ୍ତି ବୋଲି ଅନୁଭବ କରୁଛନ୍ତି ତେବେ, ଯଥାଶୀଘ୍ର କାର୍ଡଟିକୁ ବ୍ଲକ୍ କରିବା ପାଇଁ ଆପଣଙ୍କ ବ୍ୟାଙ୍କ୍ ସହିତ ଯୋଗାଯୋଗ କରନ୍ତୁ ।




➢ ଆପଣଙ୍କ ଯଦି ATM ସଂପର୍କରେ କୌଣସି ଅଭିଯୋଗ ଥାଏ, ତେବେ ଆପଣ କାର୍ଡ ଜାରି କରିଥିବା ବ୍ୟାଙ୍କ ଠାରେ ଲିଖିତ ଅଭିଯୋଗ କରିପାରିବେ । ଅଭିଯୋଗ ପାଇବାର ସାତଦିନ ମଧ୍ୟରେ ବ୍ୟାଙ୍କ୍ ଆପଣଙ୍କ ସମସ୍ୟାର ସମାଧାନ କରିବାକୁ ବାଧ୍ୟ କିମ୍ବା ପ୍ରତିଦିନ ହିସାବରେ ଶହେ ଟଙ୍କା ହିସାବରେ କ୍ଷତିପୂରଣ ମିଳିବାର ବିଧି ରହିଛି ( ଯଦି କାରବାରର ତିରିଶି ଦିନ ମଧ୍ୟରେ ଆପଣ ଅଭିଯୋଗ ଦାଖଲ କରିଥିବେ) ।

➢ ନିୟମିତ ବ୍ୟବଧାନରେ ଆପଣଙ୍କ ATM ପିନ୍ ନମ୍ବରଟିକୁ ବଦଳେଇ ନିଅନ୍ତୁ।

➢ ATM ମେସିନରେ କାର୍ଡ ବ୍ୟବହାର କରିବା ପୂର୍ବରୁ, ATM ରୁମରେ କିଛି ସନ୍ଦେହଜନକ କାର୍ଯ୍ୟକଳାପ କିମ୍ବା ଜିନିଷ ଅଛି ନା ନାହିଁ ତାକୁ ଭଲ ଭାବେ ଅନୁଧ୍ୟାନ କରିନିଅନ୍ତୁ ।



### ବାର୍ତ୍ତା ୧୦

# କେବଳ ଏକ ପଂଜିକୃତ ସଂସ୍ଥାରେ
# ନିଜର କଷ୍ଟୋପାର୍ଜିତ ପଇସାର ନିବେଶ କରନ୍ତୁ

- ନିଜର କଷ୍ଟୋପାର୍ଜିତ ଧନକୁ ସେହି ସଂସ୍ଥାରେ ବିନିଯୋଗ ବା ଜମା କରନ୍ତୁ, ଯାହା RBI, SEBI, IRDA, PFRDA କିମ୍ବା ରାଜ୍ୟ ସରକାରଙ୍କ ଦ୍ୱାରା ପଞ୍ଜୀକୃତ ହୋଇଥିବ । ସରକାରୀ ଅନୁବନ୍ଧିତ ଆର୍ଥିକ ସଂସ୍ଥାମାନଙ୍କ ସଂପର୍କରେ ଆପଣ www.sachet.rbi.in ୱେବସାଇଟ୍ ମାଧ୍ୟମରେ ସବଶେଷ ତଥ୍ୟ ପାଇପାରିବେ ।

- ଏମିତି କୌଣସି ଯୋଜନା ଦ୍ୱାରା ପ୍ରଭାବିତ ହୋଇଯାଆନ୍ତୁ ନାହିଁ ଯାହା କମ୍ ସମୟରେ ଅଧିକ କିମ୍ବା ନିଶ୍ଚିନ୍ତ ଫେରସ୍ତ ଦେବ । ଏହି ଯୋଜନା ଗୁଡିକ ଠକ କିମ୍ବା ଅର୍ଥ ନେବା ପରେ ଉଦ୍ୟୋକ୍ତା ଆପଣଙ୍କ କଷ୍ଟୋପାର୍ଜିତ ଧନକୁ ନେଇ ଉଭାନ ହୋଇଯିବାର ସମ୍ଭାବନା ଢେର ଅଧିକ ଥାଏ ।

- ବ୍ୟବସାୟିକ ବ୍ୟାଙ୍କ୍ ଗୁଡିକ ଠାରୁ କମ୍ ସୁଧରେ ଋଣ ଦେଉଥିବା ସଂସ୍ଥାଗୁଡିକ ପ୍ରକ୍ରିୟାଗତ ଶୁଳ୍କ ମିଳିବା ପରେ ଉଭାନ୍ ହୋଇଯାଆନ୍ତି ।

- କୌଣସି ସଂସ୍ଥା ଆପଣ ଜମା କରିଥିବା ଅର୍ଥରାଶିର ଟଙ୍କା ପରିଶୋଧ କରିବାରେ ବିଚ୍ୟୁତି କିମ୍ବା ଖିଲାପ୍ କରେ ତେବେ www.sachet.rbi.in ରେ ଅଭିଯୋଗ କରନ୍ତୁ । ଏବିଷୟରେ ସବିଶେଷ ଜାଣିବା ପାଇଁ ଏହି ୱେବସାଇଟର ସାହାଯ୍ୟ ନିଅନ୍ତୁ ।






## ବାର୍ତ୍ତା ୧୧

## ଅପବିକ୍ରୟ- ବ୍ୟାଙ୍କରେ ଟଙ୍କା ଜମା କରିବାକୁ ଯାଇ ଯଦି ଅଜାଣତରେ ଆପଣ ବୀମାଭୁକ୍ତ ହୋଇଯାଆନ୍ତି !


- ଏପରି କେବେ ହୋଇଛି କି, ଆପଣ ସ୍ଥାୟୀ ଜମା କରିବାକୁ ବ୍ୟାଙ୍କକୁ ଯାଇଛନ୍ତି ଏବଂ ବ୍ୟାଙ୍କ୍ ଆପଣଙ୍କୁ ଜୀବନ ବୀମା କରିବାକୁ କହିଛି ?

- ଯଦି ଆପଣଙ୍କ ଦରକାର ତେବେ ହିଁ ଜୀବନ ବୀମା କରନ୍ତୁ, ଯଦି ଆପଣ ଚାହୁଁନାହାନ୍ତି ତେବେ ଆପଣଙ୍କୁ କିଣିବାକୁ ବ୍ୟାଙ୍କ୍ କେବେ ମଧ୍ୟ ବାଧ୍ୟ କରିପାରିବ ନାହିଁ ।


- କୌଣସି ଫର୍ମ ପୂରଣ କରିବା ପୂର୍ବରୁ, ତାକୁ ଭଲ ଭାବରେ ପଢନ୍ତୁ ।

- ଯଦି ବ୍ୟାଙ୍କ୍ ଆପଣଙ୍କୁ କୌଣସି ଉପାଦାନ ବିକ୍ରି କରିବାକୁ ଚାହୁଁଥାଏ, ଯାହା ଆପଣ ବ୍ୟାଙ୍କଠାରୁ ଚାହାନ୍ତି ନାହିଁ ତେବେ ଉପାଦାନଟି ଆପଣଙ୍କ ପାଇଁ ଉପଯୁକ୍ତ ବୋଲି ସନ୍ତୁଷ୍ଟ ନହେବା ପର୍ଯ୍ୟନ୍ତ ଆପଣ ଏହାକୁ କିଣନ୍ତୁ ନାହିଁ ।

- ଯଦି ଆପଣ ଅନୁଭବ କରୁଛନ୍ତି ଯେ ଆପଣ ଭୁଲରେ ଏକ ଆର୍ଥିକ ଉପାଦାନ (Product ) ବ୍ୟାଙ୍କ ଠାରୁ କିଣିଛନ୍ତି ତେବେ ତାହା ବିରୁଦ୍ଧରେ ଅଭିଯୋଗ ଦାଖଲ କରିବାରେ କୁଣ୍ଠିତ ହୁଅନ୍ତୁ ନାହିଁ ।







भारतीय रिज़र्व बैंक
RESERVE BANK OF INDIA